## Question Bank

## CLASS-6

## SUB-ODIA

## CHAPTER-1 ପ୍ରାର୍ଥନା

୧)ଉତ୍ତର:-

କ)ମାଟିରେ ଆମେ ଈଶ୍ୱରଙ୍କ ସୃଷ୍ଟ ବଣ, ପାହାଡ, ପର୍ବତ, ମନୁଷ୍ଯ, ଜୀବଜନ୍ତୁ, ପଶୁ ପକ୍ଷୀ ଇତ୍ୟାଦିଙ୍କୁ ଦେଖିଲେ ଆମେ ଈଶ୍ୱରଙ୍କ ଲୀଳା ଜାଣି ପାରୁ।

ଖ)ଆକାଶ ରେ ସୂର୍ଯ୍ୟ, ଚନ୍ଦ୍ର, ତାରା ଇତ୍ୟାଦିଙ୍କୁ ଦେଖିଲେ ଆମେ ଈଶ୍ୱରଙ୍କ ମହିମା ବୁଝିପାରୁ।

ଗ)ବିଶ୍ୱବିହାରୀ ଆମକୁ ସୁଭବୁଦ୍ଧି ଶିଖାନ୍ତି ଓ ଭଲ ବାଟରେ ଚାଲିବା ପାଇଁ ଦେଖାନ୍ତି।

ଘ)ଭଲ ବାଟ କହିଲେ ଆମେ ସତ୍ୟପଥ କୁ ବୁଝୁ।ଯେଉଁ ପଥରେ ଗଲେ ଆମେ ଅନ୍ୟର ଉପକାର କରିବା ସହିତ ସମାଜର ମଙ୍ଗଳ କରିବାକୁ ଭଲ ବାଟ କୁହା ଯାଏ।

ଙ)ଭଲବୁଦ୍ଧି ହେଲେ ଆମେ ଦୁଃଖୀ, ଗରିବ ଓ ଅସହାୟ ଲୋକଙ୍କର ସେବା କରିବା । ସମାଜର ମଙ୍ଗଳ କରି ସତ୍ଯପଥରେ ଚାଲିବା।

ଚ)ଦୁଃଖୀ ଲୋକଙ୍କ ସେବା କରିବା ପାଇଁ ଆମ ମନରେ ଦୟା ଭାବ ଓ ହାତ ପାଦରେ ଶକ୍ତି ଦେବା ନିମନ୍ତେ ଆମେ ଈଶ୍ୱରଙ୍କୁ ସାହାଯ୍ଯ ମାଗିବା।

ଛ)ଖଳଲୋକୁଙ୍କ ଠାରୁ ଦୂରେଇ ରହିଲେ ଆମେ ଖରାପ କାମ କରିବାରୁ ଦୂରେଇ ରହି ପାରିବା।

ଜ)ସତ କହିବାକୁ ହେଲେ ଅନେକ ଲୋକଙ୍କର ଘୃଣା ନିନ୍ଦା ଅପମାନ ସହିବାକୁ ପଡେ। ସତ କହି ଏ ସବୁ ସହିବାକୁ ଆମେ ପ୍ରସ୍ତୁତ ହେବା

ଝ)ଆମେ ଈଶ୍ୱରଙ୍କୁ ସୁଭବୁଦ୍ଧି, ଆମ କାମକୁ ସୁନ୍ଦର କରିବା ପାଇଁ, ଦୁଷ୍ଟ ଲୋକଙ୍କଠାରୁ ଦୂରେଇ ରହିବା ପାଇଁ, ସତରେ ଚାଲିବା ପାଇଁ ଏହି ସବୁ ନିବେଦନ କରିବା।

ଞ)ଈଶ୍ୱରଙ୍କ ଆର୍ଶିବାଦ ଓ କରୁଣା ନକଟରେ ଧନଜନର କିଛି ମୂଲ୍ଯ ନାହିଁ, ତେଣୁ କବି କେବଳ ଈଶ୍ୱରଙ୍କ କରୁଣା ଓ ଆର୍ଶିବାଦ ଚାହାଁନ୍ତି ବୋଲି ପ୍ରାର୍ଥନା କରିଛନ୍ତି।

୩)Follow your book

୪)ଗଦ୍ୟରୂପ:- ହର୍ଷ, ଭକ୍ତି, ଶକ୍ତି।

୫)ପଦଚରୀ, ଦେଖଣାହାରୀ, ସଦାଚାରୀ।

୬)Follow your book

୭)ଚିରସ୍ମରଣ,ଚିରନମସ୍ୟ,ଚିରହରିତ।

୮)ବାକ୍ୟ ଗଠନ:-

ପୁରୀ ରଥଯାତ୍ରା ବିଶ୍ବ ପ୍ରସିଦ୍ଧ ଅଟେ।

ପିଲାଟିର ସ୍ବଭାବ ଖୁବ ସରସ ଅଟେ।

ଖଳ ଲୋକଙ୍କ ଠାରୁ ଦୂରରେ ରହିବା ଭଲ।

ଗୁରୁ ଚିର ନମସ୍ୟ।

ମୁଁ ଡାହାଣ କର ସାହାଯ୍ୟ ରେ ଖାଦ୍ୟ ଖାଇ ଥାଏ।

ସଙ୍କଟ ରେ ପଡିଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଉଚିତ।

ମୁଁ ଗୁରୁମାନଙ୍କ ଚରଣ ଛୁଇଁ ତାଙ୍କୁ ପ୍ରଣାମ କରେ।

ଦୁଃଖୀ ଅରକ୍ଷିତ ଲୋକଙ୍କୁ ସାହାଯ୍ୟ କରିବା ଉଚିତ।

ସବୁ ବେଳେ ସତ କହିବା ଉଚିତ।

ଆକାଶ ରେ ସୂର୍ଯ୍ୟ, ଚନ୍ଦ୍ର, ତାରା ଅଛନ୍ତି।

୯)ବିପରୀତ:- ସ୍ଥଳ, ଅନ୍ଧାର, ଅଶୁଭ,ମନ୍ଦ,ନୀରସ,ନିରାପଦ,ପରିଶ୍ରମୀ, ସୁଖୀ, ମିଛ, ବଞ୍ଚିବି।

୧୦)ପ୍ରତିଶବ୍ଦ:-

କୃପା, କରୁଣା।

ବିଶ୍ବ, ଧରା।

ହସ୍ତ, ହାତ।

ପାଦ, ପୟର।

ବୈଭବ, ବିତ୍ତ।

ଈଶ୍ବର,ପ୍ରଭୁ।

ପାଣି,ନୀର।

ନଭ,ଗଗନ।

ବନ,ଅରଣ୍ୟ।

ମୁହଁ, ବଦନ।

୧୧)ଅର୍ଥଗତ ପାର୍ଥକ୍ୟ:- ହାତ-ଖଜଣା, ଶ୍ରେଷ୍ଠ-ଏକବୃକ୍ଷ, ଦୀର୍ଘକାଳ-ଚିରାଲୁଗା, ସତକଥା-ଶହେ।

୧୨)ବନାନ ଠିକ କରି:- ବିଶ୍ବବିହାରୀ, ଗୁହାରି, ଶୁଭବୁଦ୍ଧି, ଅରକ୍ଷିତ, ଶକତି।

## CHAPTER-2 ବାପାଙ୍କ ସଙ୍ଗେ ନୂଆ ବର୍ଷ

୧)ଉତ୍ତର:-

କ)ବାପା କର୍ଯ୍ୟରେ ବ୍ୟସ୍ତ ରହୁଥିବା ହେତୁ ପୁଅ ସାଙ୍ଗେ ତାଙ୍କର ଦେଖା ହୁଏ ନାହିଁ।

ଖ)ପୁଅ ଦଶଟା ରାତି ଯାଏ ନ ଶୋଇ ବାପାଙ୍କୁ ଅପେକ୍ଷା କରିଥିବାରୁ ବାପା ପୁଅ ଉପରେ ବିରକ୍ତ ହେଲେ।

ଗ)ପୁଅ ବାପାଙ୍କଠାରୁ ଦୁଇଶହ ଟଙ୍କା ରଖି ରଖି ତା' ପାଖରେ ତିନିଶହ ଟଙ୍କା ଥିଲା।ସେହି ଟଙ୍କାକୁ ମିଶାଇ ସେ ବାପାଙ୍କୁ ପାଞ୍ଚଶହ ଟଙ୍କା ଦେବା ପାଇଁ ପୁଅ ବାପାଙ୍କୁ ଧାର ମାଗିଲା।

ଘ)ସ୍କୁଲକୁ ସମସ୍ତଙ୍କ ବାପାମାନେ ପ୍ରୋଗ୍ରାମ ଦେଖିବାକୁ ଆସୁଛନ୍ତି କିନ୍ତୁ ତା'ର ବାପା ଯାଆନ୍ତି ନାହିଁ ବୋଲି ପିଲାଟି ମନ ଦୁଃଖ କରି ଏହି କଥା ମାଁ ବାପାଙ୍କୁ ଜଣାଇଛନ୍ତି।

ଙ)ବାପାଙ୍କୁ ପୁଅ ପାଞ୍ଚଶହ ଟଙ୍କା ଦେଇଥିଲା କାରଣ ସେହି ପାଞ୍ଚଶହ ଟଙ୍କାରେ ପୁଅ ବାପାଙ୍କୁଠାରୁ ଗୋଟେ ଘଣ୍ଟାର ସମୟ ମାଗିଥିଲା।

ଚ)ବାପା ଘଣ୍ଟାକୁ ପାଞ୍ଚଶହ ଟଙ୍କା ରୋଜଗାର କରୁଥିଲେ।

ଛ)ନୂଆବର୍ଷ ଦିନ ପୁଅ ବାପାଙ୍କଠାରୁ ଗୋଟେ ଘଣ୍ଟାର ସମୟ ଆଶା କରୁଥିଲା ଯେଉଁ ସମୟ କି ତା'ର ବାପା ତା ପାଇଁ କେବେ ଦେଇନଥିଲେ।

ଜ)ପୁଅର ଟଙ୍କା ଧାର ମାଗିବା ବିଷୟରେ ବାପା ଭାବିଲେ ସେ ଡ୍ରାମା କରୁଛି।

ଝ)ବାପା ଭାବିଲେ ପୁଅ କିଛି କିଣା କିଣି କରିବା ପାଇଁ ଟଙ୍କା ମାଗୁଛି ହେଲେ ସମସ୍ତେ ଦେଇଥିବା ଟଙ୍କାକୁ ପୁଅ ସାଇତିକି ରଖି ବାପାଙ୍କର ସମୟକୁ ନୂଆବର୍ଷ ଦିନ ଟଙ୍କା ଦେଇ କିଣି ଥିବା ଘଟଣାରୁ ବାପାଙ୍କ  ଆଖି ଛଳଛଳ ହୋଇଗଲା।

୫)ପୁଅ ଚାହୁଁଥିଲା ଏହି ନୂଆବର୍ଷ ଦିନ ସଞ୍ଜ ସାତଟାରୁ ଆଠଟା ପର୍ଯ୍ୟନ୍ତ

ଗୋଟେ ଘଣ୍ଟା ବାପା ତା' ପାଇଁ ସମୟ ଦିଅନ୍ତ,ତା ସହିତ ଖେଳନ୍ତୁ ଓ ଏକାଠି ମିଶିକି ଖାଆନ୍ତୁ। ସେଥିପାଇଁ ସେ ବାପାଙ୍କୁ ଅଟକାଉ ଥିଲେ।

୩)ବିପରୀତ:- ସଞ୍ଜ,ଶୀଘ୍ର,ଅସମୟ,ବେରୋଜଗାର,ଦିନ, ଥଣ୍ଡା,ଅଦରକାରି,ଉଠିବା,ଉପର,ବିକାବିକି।

୪)ବାକ୍ୟ ଗଠନ:-

ମୋର ମାଁ ଘରର ସବୁ ହିସାବ ରଖିଥାନ୍ତି।

ମୁଁ ବହିପତ୍ର ସାଇତିକି ରଖେ।

ମୋର ବାପା ଧନ ଉପାର୍ଜନ କରି ପରିବାର ଚଲାଇ ଥାନ୍ତି।

ମୁଁ ଛୁଟିଦିନ ବୁଲିବାକୁ ଯାଇଥାଏ।

ରାମ ତା' ରୋଜଗାର କୁ କିଛି ଗରିବଙ୍କୁ ଦାନ କରେ।

ରାମ ହରି ପାଖରୁ ପାଞ୍ଚଶହ ଟଙ୍କା ଧାର ନେଲା।

ନୂଆବର୍ଷ ଦିନ ଭଲ କାମ କରିବା ପାଇଁ ଅନେକ ଶପଥ ନେଇଥାନ୍ତି।

ପିଲାଟିର ଅବସ୍ଥା ଦେଖି ମୋ ଆଖି ଛଳଛଳ ହୋଇଗଲା।

କହୁଣି ମାରି ମୋ ମାଁ ମୋତେ ଡାକିଲେ।

ସଞ୍ଜ ହେଲେ ମୁଁ ପାଠ ପଢି ବସେ।

୫)ଲିଙ୍ଗ ପରିବର୍ତ୍ତନ:- ମାଆ, ବାପା, ଝିଅ, ମାଇଁ।

୬)ଭବିଷ୍ୟତ କାଳ:-

କ)ତାକୁ ଦେଖି ବାପା ପଚାରିବେ।

ଖ)ପୁଅ ଚିନ୍ତିତ ହେଲା ପରି କହିବ।

ଗ)ଗାଇ ସାରିବା ପରେ ବାପାଙ୍କ ମୁଣ୍ଡ ଥଣ୍ଡା ହୋଇଯିବ।

ଘ)ତା' ମୁଣ୍ଡ ସାଉଁଳେଇ ଦେଇ ବାପା ପଚାରିବେ।

୮)ଯୋଡାଶବ୍ଦ:- ଟଣାଟଣି, ବିକାବିକି, ଧରାଧରି, ଠରାଠରି, କୁହାକୁହି।

୯)ଶୂନ୍ୟସ୍ଥାନ ପୂରଣ କର:-

ବାପାଙ୍କୁ, ଛୁଟିଦିନ, ମୁଣ୍ଡ ଥଣ୍ଡା, ନୂଆବର୍ଷ, ଲାଜ।

୧୦)ଅର୍ଥଗତ ପାର୍ଥକ୍ୟ:-

ଦିବସ-ଦରିଦ୍ର, କରଜ-ଦାଢ, ବାପା-ଲିମ୍ବ ପିତା, ଘଣ୍ଟା-ମାଟି ପାତ୍ର, ଜଳ-ହସ୍ତ।

୧୧)ବନାନ ଠିକ:- ସ୍କୁଲ, ଥଣ୍ଡା, ଉପାର୍ଜନ, ନୂଆବର୍ଷ, କହୁଣି।

## CHAPTER-3 ନୁହଁ ଗଡବଡ

୧)ଉତ୍ତର:-

କ)କବି କୁନି କୁନି ଭାଇ ଭଉଣୀମାନଙ୍କୁ ଏକ ପ୍ରାଣ ହୋଇ ଦେଶର ସେବା କରିବା ପାଇଁ କହିଛନ୍ତି।

ଖ)ଯେହେତୁ ଆମ ସମସ୍ତଙ୍କ ଭିତରେ ଏକ ରକତ ବୋହୁଛି, ତେଣୁ ଆମେ ଗୋଟିଏ ମାଆର ସନ୍ତାନ ଅଟୁ।

ଗ)ଏହି କବିତାରେ ହିମାଳୟ ପର୍ବତ,ଜଗତ ନାଥ ଏବଂ ଗଙ୍ଗା ଯମୁନା ନଦୀର  ନାମ ଉଲ୍ଲେଖ କରାଯାଇଛି।

ଘ)କବି ଭାରତବାସୀଙ୍କୁ କହିଛନ୍ତି ସମୟ ନଷ୍ଟ ନ କରି ନିଜ କାମ ମନ ଦେଇ କରିବା ଓ ଦେଶର ସେବା କରିବା ସୁବୁବେଳେ ସତ୍ୟ ଅହିଂସା ଧର୍ମ କୁ ପାଳନ କରି ଜୀବନ ପଥରେ ଆଗେଇ ଯିବା।

ଙ)ଗାନ୍ଧିଯୀଙ୍କ ସତ୍ୟ ଓ ଅହିଂସା ଧର୍ମ କୁ ପାଳନ କରିବାକୁ କବିତାରେ କବି କହିଛନ୍ତି।

ଚ)କବିତାରେ ଗଙ୍ଗା, ଯମୁନା ନଦୀର ନାମ ଉଲ୍ଲେଖ କରାଯାଇଛି।

ଛ)ଅଳସୁଆ ହୋଇ ସମୟ ନଷ୍ଟ କଲେ ସମୟ ହଜିଯାଏ।

ଜ)ଗାନ୍ଧି କହିଥିଲେ ସତ କହିବ, ଅହିଂସା ଧର୍ମ କୁ ପାଳିବ।କାହାକୁ ଭୟ ନ କରି ସତ୍ୟ ,ଅହିଂସା ଧର୍ମ କୁ ପାଳି ଜୀବନରେ ଆଗେଇ ଯିବାକୁ କହିଥିଲେ।

ଝ)ବଡ ହୋଇ ଆମେ ଦେଶ ସେବା କରିବା।

୩)ଗଦ୍ୟରୂପ :- ଜନ୍ମ, ରକ୍ତ, ବର୍ଷ, ପ୍ରାଣ।

୪)ଅବାଟ, ଅଧର୍ମ, ଅସତ୍ୟ, ଅନିଦ୍ରା, ଅବିଶ୍ୱାସ।

୫)ବାକ୍ୟ ଗଠନ:-

ଗୋଟିଏ ହାତରେ <u>ତାଳି</u> ବାଜେ ନାହିଁ।

ଈଶ୍ୱର ଜଗତ କୁ ସୃଷ୍ଟି କରିଛନ୍ତି।

ମୁଁ ମା ର ଏକ ମାତ୍ର ସନ୍ତାନ ଅଟେ।

ପିତାମାତା ସନ୍ତାନମାନଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି।

ଶିଶୁମାନେ ପବିତ୍ର ଅଟନ୍ତି।

ଆକାଶ ରେ କଳା ହାଣ୍ଡିଆ ମେଘ ଘୋଟେଇଛି।

ସମୟ କାହାକୁ ଅପେକ୍ଷା କରେ ନାହିଁ।

ମୁଁ ଭିକାରୀ କୁ ଦୁଇ ମୁଠା ଚାଉଳ ଦେଲି।

ମୋ ଜେଜେମା ମୋତେ ବହୁତ ଆଦର କରନ୍ତି।

ସବୁ ବେଳେ ସତ କହିବା ଉଚିତ।

ଈଶ୍ବର ଆମର ପଥ ସତ୍ୟ ଓ ଜୀବନ ଅଟନ୍ତି।

୬)ଶବ୍ଦ ସହ ସମ୍ପର୍କ:- ପ୍ରାଣ, ଧାମ, ବର୍ଷେ, ଧର୍ମ, ବଛା।

୭)ସମାନ ଅର୍ଥ:- ଭ୍ରାତା, ଶରୀର, ବାରିଦ, ରାସ୍ତା, ଅଚଳ।

୧୦)ଅର୍ଥ ଗତ ପାର୍ଥକ୍ୟ:- ସମୟ-ଯମ, କରଜ-ଦାଢ, ମେଘ-ନିବିଡ।

୧୧)ବୀପରିତ ଅର୍ଥ:- ଅଧର୍ମ, କାଲି, ଅହିଂସା, ପର, ଅନାଦର।

୧୨)ବନାନ ଠିକ:- ଜଗତ, ପବିତ୍ର, ଯମୁନା, ଅହିଂସା, ବୀରତ୍ୱ।

**CHAPTER-4 ସଲୋମନଙ୍କ ବୁଦ୍ଧି**

୩)ବାକ୍ୟ ଗଠନ:-

ରାଜା ତାଙ୍କ ସିଂହାସନ ରେ ବସିଛନ୍ତି।

ରାମୁ ପରୀକ୍ଷା ପାଇଁ କଠିନ ପରିଶ୍ରମ କରେ।

ପିଲାଟି ସାହସ ର ସହିତ ବିପଦରୁ ରକ୍ଷା ପାଇଲା।

ମୋର ବାପା ଗରିବ ଲୋକମାନଙ୍କୁ ସାହାଯ୍ୟ କରନ୍ତି।

ସୀତା ଶ୍ରେଣୀରେ ପ୍ରଥମ ହେବାରୁ ଆନନ୍ଦ ରେ ମିଠା ବାଣ୍ଟିଲା।

ଦୁର୍ଦ୍ଦିନ ରେ ସମସ୍ତେ ଈଶ୍ୱରଙ୍କୁ ଡାକିଥାନ୍ତି।

ଉତ୍ତମ କାର୍ଯ୍ୟ ପାଇଁ ପିଲାଟିକୁ ପୁରସ୍କାର ମିଳିଲା।

ମୁଁ ପ୍ରତିଶ୍ରୁତି ଦେଉଛି ଏବର୍ଷ ପରୀକ୍ଷାରେ ଭଲ କରିବ।

କୋଣାର୍କର ସୌନ୍ଦର୍ଯ୍ୟ ତାଲିମ ।

୨)ଭବିଷ୍ୟତ କାଳ:-

କ)ସେମାନେ ବିଫଳ ହେଲେ।

ଖ)ସଲୋମନଙ୍କୁ ଗୋଟିଏ ମୂଲ୍ୟବାନ ମୁଦି ଉପହାର ଦେବେ।

ଗ)ରାଜା ସଲୋମନ୍ ପ୍ରତିଶ୍ରୁତି ଦେବେ।

ଘ)ଅସ୍ତଗାମୀ ସୂର୍ଯ୍ୟର କିରଣରେ ସେ ମନ୍ତ୍ରଟି ପଢିବେ।

ଙ)ପାଦରେ ଚାଲିଚାଲି ମଞ୍ଜୟାଏ ଯିବେ।

୪)ପ୍ରତିଶବ୍ଦ:-

ସ୍ବର୍ଣ୍ଣ, ସୁବର୍ଣ୍ଣ

ପୁଷ୍ପ, ସୁମନ

ରବି, ତପନ

ଘୋଡା, ଘୋଟକ

ରଣ, ସମର

ନୃପତି, ରାଜନ

ମୁଖ, ଆନନ

ବୈରୀ, ଅରି

୫)ସାଙ୍ଗସାଥୀ,ତଳଉପର,ଗଡାତଡା,ତରବର,ଧଡପକଡ

୬)ବିପରୀତ ଅର୍ଥ:- ରଙ୍କ, ଅସହାୟ, କୋମଳ, ବଡ, ସୁଦିନ, ସୁଖ, ନିରାନନ୍ଦ, ଉଦୟ, ଅନୁପସ୍ଥିତ, ମହାନାୟକ

୮)ଏକ ପଦରେ :-

କ)ସଙ୍ଗୀତଜ୍ଞ

ଖ)ବେଦଜ୍ଞ

ଗ)ଶାସ୍ତ୍ରଜ୍ଞ

ଘ)ଆଇନଜ୍ଞ

ଙ)ରାଜନୀତିଜ୍ଞ

ଚ)ସଂସ୍କୃତଜ୍ଞ

୯)ଶୂନ୍ୟସ୍ଥାନ ପୂରଣ କର:-

କ)ସଲୋମନ

ଖ)ମନ୍ତ୍ର, ସାହସ

ଗ)ହିରା

ଘ)ସର୍ତ୍ତ

ଙ)ନିରସ୍ତ୍ର

ଚ)ସେନାପତି

ଛ)ଭବ୍ୟ ସମର୍ଥନା

ଜ)ତାଲିମ ପ୍ରାପ୍ତ

ଝ)ନିମିଷକରେ

ଞ)ହର୍ଷଧ୍ୱନି

୧୦)ଦୁଇଟି ଭିନ୍ନ ଅର୍ଥ:-ଜବାବ-ଦିଗବିଶେଷ, ନୂଆ-ନଅଅଙ୍କ, ଦିଗବିଶେଷ-ଅତୀତ, ନିୟମ-ଭାଗ୍ୟ

୧୧)ବନାନ ଠିକ:- ବିଦ୍ୱାନ, ଉଲ୍ଲାସ, ବୃଦ୍ଧ, ଶ୍ରାନ୍ତ, ରାଜଧାନୀ

୧)ଉତ୍ତର:-

କ)ରାଜା ସଲୋମନ ଏବଂ ତାଙ୍କ ବିଦ୍ୱାନ ପାରିଷଦଗଣ ଚିନ୍ତିତ ଦିଶୁଥାନ୍ତି କାରଣ ରାଜା ସେମାନଙ୍କୁ ଏକ କଠିନ ପ୍ରଶ୍ନ ପଚାରିଥିଲେ।

ଖ)ରାଜା ତାଙ୍କ ବିଦ୍ୱାନ ପାରିଷଦଗଣଙ୍କୁ ପଚାରିଥିଲେ ବା ପ୍ରଶ୍ନ ହେଲା-ଏପରି କିଛି ମନ୍ତ୍ର ଅଛି ଯାହାକୁ ପାଠକଲେ ତାହା ଭୟଙ୍କର ଦୁର୍ଦ୍ଦିନରେ ସାହସ ଦେବ ଏବଂ ସୁଖ ମୁହୂର୍ତ୍ତ ରେ ଆନନ୍ଦ ଉଲ୍ଲାସ ଉପରେ ନିୟନ୍ତ୍ରଣ ରଖିବ।

ଗ)ବୃଦ୍ଧ ଜଣକ ସଲୋମନଙ୍କୁ ଏକ ମୂଲ୍ୟବାନ ମୁଦି ଉପହାର ଦେଇଥିଲେ।ଯାହାକୁ ସୁନାରେ ତିଆରି ଓ ହୀରା ଖଚିତ ଢାଙ୍କୁଣୀ ଦ୍ୱାରା ଘୋଡା ହୋଇଥିଲା।

ଘ)ମୁଦିରେ କିଛି ଶବ୍ଦ ଲେଖା ହୋଇଥିଲା, ତାକୁ ପଢିଲେ ତାହା ଦୁର୍ଦ୍ଦିନରେ ସାହସ ଦେବ ଏବଂ ସୁଖ ମୁହୂର୍ତ୍ତ ରେ ଆନନ୍ଦ ଉଲ୍ଲାସ ଉପରେ ନିୟନ୍ତ୍ରଣ କରି ରଖିବ।

ଙ)ବୃଦ୍ଧ ଲୋକଟି ରାଜାଙ୍କୁ କହିଲା ତା'ର ଗୋଟିଏ ସର୍ତ୍ତ ଅଛି।ତାହା ହେଲା ବର୍ତ୍ତମାନ ଆପଣ ଏହି ମୁଦିଟିକୁ ଖୋଲିବେ ନାହିଁ କି ଲେଖା ହୋଇଥିବା ଅକ୍ଷର କୁ ପଢିବେ ନାହିଁ।ଯେତେବେଳେ ଭାବିବେ ଜୀବନ ରେ ଚରମ ମୁହୂର୍ତ୍ତ ଉପସ୍ଥିତ,ସେତେବେଳେ କେବଳ ଏହାକୁ ଖୋଲି ପଢିବେ।

ଚ)ରାଜା ଯୁଦ୍ଧରେ ପରାସ୍ତ ହୋଇ ଜଙ୍ଗଲରେ ଏକାକ ଅବସ୍ଥାରେ ବୃଦ୍ଧ ଲୋକଟିର କଥା ମନେପକାଇ ମୁଦିଟିକୁ ଖୋଲିଲେ।

ଛ)ମୁଦିରେ ଲେଖା ହୋଇଥିବା ଶବ୍ଦ ହେଲା ଏ ସମୟ ରହିବ ନାହିଁ।

ଜ)ରାଜା ଯେତେବେଳେ ଯୁଦ୍ଧରେ ପରାସ୍ତ ହୋଇ ଅସହାୟ ଅବସ୍ଥାରେ ଏକାକୀ ଘଞ୍ଚଜଙ୍ଗଲ ମଧ୍ଯରେ ଆତ୍ମଗୋପନ କରିଥିଲେ ସେତେବେଳେ ଜୀବନରେ ଚରମ ଦୁଃସମୟ ଅନୁଭବ କରିଥିଲେ।

ଝ)କ୍ଲାନ୍ତ ଶ୍ରାନ୍ତ ଅବସ୍ଥାରେ ସଲୋମନ ଭାବିଲେ ଜୀବନ ର ଚରମ ଦୁଃସମୟ ଉପସ୍ଥିତ ହୋଇଛି ସେହି ସମୟରେ ବୃଦ୍ଧ ଲୋକଟି ଦେଇ ଥିବା ମୁଦିକୁ ମନେ ପକାଇ ସେଥିରେ ଥିବା ଅକ୍ଷର କୁ ପଢିଲେ ଓ ସଙ୍ଗେସଙ୍ଗେ ତାଙ୍କ ଦୁଃଶ୍ଚନ୍ତା ଦୂର ହେଲା।

ଞ)ସଲୋମନ ଯୁଦ୍ଧରେ ରାଜ୍ୟ ଜୟ କରିଥିଲେ।ତାଙ୍କୁ ମହାନାୟକର ମର୍ଯ୍ୟାଦା ଦେବା ପାଇଁ ତାଙ୍କ ରାଜଧାନୀର ଭବ୍ୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ସେହି ଉଦ୍ଦେଶ୍ୟରେ ସଲୋମନଙ୍କୁ ଯୁଦ୍ଧର ବେଶ ପିନ୍ଧାଇ, ତାଲିମ ପ୍ରାପ୍ତ ଅଶ୍ୱ ପିଠିରେ ବସାଇ ଚାରିପଟୁ ପୁଷ୍ପବୃଷ୍ଟି କରି ସଭାସ୍ଥଳ କୁ ନିଆ ଯାଉଥିଲା।

**CHAPTER-5 ବହି କାଗଜ କଲମ**

୧)ଉତ୍ତର:-

କ)ବହି କାଗଜ ଓ କଲମ ନିଜକୁ ସବୁଠାରୁ ବଡ କହି କଳି କରିଲେ।

ଖ)ବହି ପ୍ରଥମରେ କହିଲା ସବୁଠାରୁ ମୁଁ ବଡ ଅଟେ, ତେଣୁ ତୁମ୍ଭେମାନଙ୍କ ଆଉ ପାଟି କରନି।

ଗ)ବହି ଭିତରେ ଭଳିକି ଭଳି ପାଠ, ରଙ୍ଗ ରଙ୍ଗିଆ ଛବି, ଆଈ ବୁଢୀର କାହାଣୀ ଓ ମଜା କବିତା ସବୁ ଅଛି।

ଘ)ଆଈ ବୁଢୀର କାହାଣୀ ପେଡି ସମସ୍ତଙ୍କୁ ଆକର୍ଷିତ କରେ।

ଙ)ଏହି କବିତାରେ ମଜା ମଜା କବିତା ସବୁ ପଢିବା ପାଇଁ ଛୋଟ ଛୋଟ ପିଲାମାନେ ଝୁରି ହୁଅନ୍ତି।

ଚ)କାଗଜର ବିନା ସାହାଯ୍ୟ ରେ ବହିର କୌଣସି ସ୍ଥିତି ନାହିଁ ବୋଲି କାଗଜ ବହିକୁ ଉତ୍ତର ଦେଲା।

ଛ)କାଗଜ ର ଜନ୍ମ ସ୍ଥଳ ଛାପାଖାନାରୁ ହୋଇଛି।

ଜ)କାଗଜ ଦ୍ବାରା ଆମେ ଦେଶ ବିଦେଶର ଖବର ଜାଣି ପାରୁ ଏବଂ ପିଲାମାନେ କାଗଜ ଦେହରେ ଗୁଡ଼ିଓ ଡଙ୍ଗା କରି ଖେଳନ୍ତି।

ଝ)କଲମ ପାଇଁ ବହି ଓ କାଗଜ ବଡ ହୋଇଛନ୍ତି ବୋଲି କଲମ ସେମାନଙ୍କୁ କହିଲା ତା' ଛଡା ସେ ସମସ୍ତଙ୍କ ସାଥି ଓ ସବୁ କାମ ପାଇଁ ସେ ଲୋଡା ବୋଲି କଲମ ବହି ଓ କାଗଜ କୁ କହିଲା।

ଞ)କଲମର ବ୍ୟବହାର କରି ଶିଳ୍ପୀ ଛବି ଆଙ୍କେ ଓ କବିମାନେ କବିତା ଲେଖିଥାନ୍ତି।

୪)ବାକ୍ୟ ଗଠନ:-

ଦୁଇଟି ବିଲେଇ ମାଛ ପାଇଁ କଳି କରୁଛନ୍ତି।

ମୁଁ ଭଲ କାମ କରି ଦୁନିଆ ରେ ନାମ ରଖିବି ।

ମୋର ଲୁଗାପଟା ସାଇତା ହୋଇ ରହିଛି।

ରାମ ଭଲ ଛବି ଆଙ୍କେ ।

ମୋର ଜେଜେ ମା ଆମକୁ କାହାଣୀ କହନ୍ତି

ମତେ କବିତା ପଢିବାକୁ ଭଲ ଲାଗେ ।

ଦେଶ ବିଦେଶର ଖବର ଜାଣିବା ଉଚିତ୍ ।

ପକ୍ଷୀମାନେ ନୀଳଆକାଶ ରେ ଉଡି ବୁଲୁଛନ୍ତି ।

ରବିବାର ଦିନ ଅଫିସଗୁଡିକ ଛୁଟି ଥାଏ ।

ଦୁଃଖୀ ଲୋକଙ୍କ ସେବା କରିବା ଉଚିତ୍ ।

୫)ଗଦ୍ୟରୂପ:- ଅଳ୍ପ, ଯତ୍ନ, ଜହ୍ନ, ଗ୍ରୀଷ୍ମ, ରାଜ୍ୟ, ବର୍ଷା, ବର୍ଣ୍ଣ

୬)ପାରିବାରିକ, ବ୍ୟବହାରିକ, ଶାରୀରିକ, ସାମୂହିକ, ପାରମ୍ପାରିକ, ଧାର୍ମିକ, ଜାଗତିକ, ସାଂସ୍କୃତିକ, ସାଂସାରିକ, ଆତ୍ମୀକ

୭)ପ୍ରତିଶବ୍ଦ:-

ପୁସ୍ତକ, ଗ୍ରନ୍ଥ

ମସ୍ତକ, ମଥା

ଗଳ୍ପ, ଗପ

ରାଇଜ, ମୂଳକ

ନୟନ, ନେତ୍ର

ଗଗନ, ନଭ

ମେଘ, ଜଳଦ

ସାଙ୍ଗ, ମିତ୍ର

ଗୃହ, ନିଳୟ

ତନୁ, ଶରୀର

୯)ବିପରୀତ ଅର୍ଥ:- ବଡ, ପଛ, ଉଠି, ବୁଢା, ଖଟା, କାନ୍ଦି, ମୃତ୍ୟୁ, ସଞ୍ଜ, ବାହାର, ଅଧୀର

୧୦)ଅର୍ଥଗତ ପାର୍ଥକ୍ୟ:- ଭାଗ-କାନ୍ଧ, ମଳିନତା-ଅନ୍ଧକାର, ମିଳନ-ମିଶାଣ, ରାତ୍ରି-ମାଦକତା, ଆବରଣ-ସୁନା

୧୧)ବନାନ ଠିକ:- ସାଇତା, ଆଇବୁଢୀ, ଶିକ୍ଷୀ, ଜନମ, ନୀଳ

## CHAPTER-6 ଉପହାର

୧)ଉତ୍ତର:-

କ)ଯୁବକଟିକୁ ଶୋଷ ଲାଗିବାରୁ ଗୁରୁଙ୍କ ତଥ୍ୟ ଅନୁସାରେ ମରୁଭୂମି ରେ ଓଏସିସ୍ ଟିଏ କେଉଁଠି ଅଛି ତାହା ଖୋଜୁଥିଲା।

ଖ)ଓଏସିସ୍ କହିଲେ ମରୁଦ୍ୟାନକୁ ବୁଝାଏ। ଏକ ଚମତ୍କାର ଶୀତଳ ପାଣି ରେ ଭରପୂର ଝରଣାଟି କିଛିବାଟ ବୋହିଯାଇ ପୁଣି ବାଲି ଭିତରେ କେଉଁଠି ହଜି ଯାଇଥାଏ। ତାହାକୁ ଓଏସିସ୍ କୁହାଯାଏ।

ଗ)ଯୁବକଟି ଯେତେବେଳେ ମରୁଭୂମି ଥିବା ଝରଣାଟିରୁ ଷୀତଳ ଅମୃତ ଜଳ ପାନ କଲା, ତାର ଶୋଷ ମେଣ୍ଟିବାରୁ ଗୁରୁ ଯେ ଠିକ କହୁଥିଲେ ସେତେବେଳେ ସେ ଗୁରୁଙ୍କୁ ମନେ ପକାଇଲା।

ଘ)ଗୁରୁଙ୍କୁ ଯୁବକଟି ତା' ଚମଡା ଥଳିରେ ଆଣିଥିଲେ ଅମୃତ ଜଳ ଉପହାର ଦେଲା।

ଙ)ସହପାଠୀ ପାଟିରେ ପାଣି ମୁନ୍ଦିଏ ଦେଇ ଥୁଃ କରି ଫିଙ୍ଗି ଦେଲା ଓ ମୁହଁ ସାଙ୍କୁଡିକି କହିଲା ଛି ଏ ପାଣି କେତେ ଗନ୍ଧାଉଛି।

ଚ)ଯୁବକଟି ଗୁରୁଙ୍କୁ ପାଣି ବିଷୟରେ ପଚାରିବାରୁ ଗୁରୁ ତାକୁ କହିଲେ ତୋର ସହପାଠୀ ପାଣିର ସ୍ବାଦ କେବଳ ବାରିଲା ମାତ୍ର ମୁଁ ଉପହାର ର ସ୍ବାଦ ବାରିଥିଲି।

ଛ)ଯୁବକଟି ଏକ ଚମଡା ଥଳିରେ ଗୁରୁଙ୍କୁ ଓଏସିସ୍ ର ଅମୃତ ଓ ଶୀତଳ ଜଳ ଦେଇଥିଲା।

ଜ)ପାଣି ପିଇସାରି ଗୁରୁ ଯୁବକଟିକୁ କହିଲେ ଚମତ୍କାର ଏଭଳି ମିଠା ପାଣି ଉପହାର ଦେଇ ଥିବାରୁ ମୁଁ ତୁମକୁ ଧନ୍ୟବାଦ ଜଣାଉଛି।

ଝ)ଯୁବକଟିର ସେହି ଅବ୍ୟବହୃତ ଚମଡା ଥଳିରେ ଚାରିଦିନ ପାଣି ରହିବା ଯୋଗୁଁ ସେଥିରୁ ଦୁର୍ଗନ୍ଧ ଆସୁଥିଲା।

ଞ)ଏହି ଗଳ୍ପରୁ ଏହି ଶିକ୍ଷା ମିଳେ ଯେ କୌଣସି ଉପହାର କେବଳ ବସ୍ତୁ ମାତ୍ର ନୁହେଁ , ତା ସାଙ୍ଗରେ କୋମଳ ମନର ଭାବ ଯୋଡି ହୋଇଥାଏ ସେହି ଭାବହିଁ ସାଧାରଣ ବସ୍ତୁକୁ ଅସାଧାରଣ ପରିଣତ କରେ।

୨)ବାକ୍ୟ ଗଠନ:-

ଈଶ୍ୱର <u>ଚମତ୍କାର </u>କାର୍ଯ୍ୟ କରି ଥାନ୍ତି।

ମୁଁ <u>ଆଞ୍ଜୁଳା</u> ଫୁଲ ଠାକୁରଙ୍କ ପାଖରେ ଚଢାଇଲି।

ମୋ ମା'ର ସବୁ ରନ୍ଧା ମତେ <u>ଅମୃତ</u> ପରି ଲାଗେ।

ଉପକାର କରିଥିବା ବ୍ୟକ୍ତି କୁ <u>ଧନ୍ୟବାଦ</u> ଦେବାକୁ ଭୁଲ ନାହିଁ।

ବାପାଙ୍କ <u>ସହପାଠୀ</u> ଜଣେ ଆମେରିକାରେ ରହୁଛନ୍ତି।

ମୋ ଜେଜେମା ମତେ <u>ଶ୍ରଦ୍ଧା</u> ରେ ଗୋଟେ ସୁନାମୁଦି ଦେଲେ।

ନାଳରୁ <u>ଦୁର୍ଗନ୍ଧ</u> ବାହାରୁଛି।

ମୋ ଜନ୍ମଦିନ ରେ ମତେ ବହୁତ <u>ଉପହାର</u> ମିଳିଲା।

ଈଶ୍ୱରଙ୍କୁ <u>ଅବିଶ୍ୱାସ</u> କରିହେବ ନାହିଁ।

ମତେ <u>କୋମଳ</u> ଘାସରେ ଚାଲିବାକୁ ଭୟ ଲାଗେ।

୩)ବିପରୀତ ଅର୍ଥ:- ଲଘୁ, ନୀଚ, ତିକ୍ତ, ଉତ୍ତର, ଛାତ୍ରୀ, ବିଷ, ବିଷାଦ, ଅସାଧାରଣ, ଅପ୍ରିୟ, କାନ୍ଦି

୪)ପ୍ରତିଶବ୍ଦ:-

ଜଳ,ନୀର

ନିର୍ଝରିଣୀ,ପ୍ରସବଣ

ବାଡ,ବିଭେଦ

ମସ୍ତକ,ମଥା

ଶିକ୍ଷକ,ଅବଧାନ

ନେତ୍ର,ଚକ୍ଷୁ

କର,ହସ୍ତ

ମହୀ,ଧରା

ମଧୁ,ମିଷ୍ଟାନ

ମୁହଁ,ମୁଖ

୬)ଶୂନ୍ୟସ୍ଥାନ ପୂରଣ:-

କ)ଶୋଷ

ଖ)ଦକ୍ଷିଣ ମୁହାଁ

ଗ)ଉଚ୍ଚ ବାଲିକୁଦ

ଘ)ଚାରିଦିନ

ଙ)ଗୁରୁ

ଚ)ଚମଡା ଥଳି

ଛ)ଅବିଶ୍ୱାସ, ଆଞ୍ଜୁଳାଏ

ଜ)ସ୍ୱାଦ

ଝ)ଉପଲକ୍ଷ

ଞ)କୋମଳ

୮)ଶବ୍ଦ ସହ ସମ୍ପର୍କ:- ପାଣି, ଥଳି, ନୟନ, ଜିନିଷ, ଗୁରୁ, ସ୍ୱାଦ, ଖାଦ୍ୟ, ମନର ଭାବ

୯)ଡାକି, ଦେଖି, ଶୁଣି, ବସି, ପଡି, ଜାଣି, ଖାଇ, ଭରି, ଚାହିଁ, ଫିଙ୍ଗି

୧୦)ବନାନ ଠିକ:- ଚମତ୍କାର, ନିଶ୍ୱାସ, ଶ୍ରଦ୍ଧା, ସହପାଠୀ, ଜିନିଷ

## CHAPTER-7 ଦଳପତି ପଦ ତୁମକୁ ସାଜେ

୧)ଉତ୍ତର:-

କ)ହିରଣ୍ୟକ କପୋତ ଦଳଙ୍କୁ ଫାଶରେ ପଡିଥିବା ଦେଖି ଆଶ୍ଚର୍ଯ୍ୟ ହୋଇ ଗଲେ।

ଖ)କବିତାଟିରେ ମୂଷିକ ରାଜାକୁ ହିରଣ୍ୟକ କୁହାଯାଇଛି, ସେ ତାଙ୍କର ବନ୍ଧୁ କପୋତରାଜାଙ୍କ ସହିତ ଆଶ୍ରିତ କପୋତ ମାନଙ୍କୁ ସାହାଯ୍ୟ କଲେ।

ଗ)କପୋତମାନେ ଖୁଦ କଣିକାର ଲୋଭରେ ବାଣୁଆର ଜାଲରେ ପଡି ଏଭଳି ଦଶା ଭୋଗିଲେ।

ଘ)କପୋତରାଜାଙ୍କ ଆଜ୍ଞା ମାତ୍ରେ ଜାଲରେ ପଡିଥିବା ସବୁ କପୋତମାନେ ଏକା ସାଙ୍ଗରେ ଜାଲ ଟିକୁ ଧରି ମୂଷା ପାଖକୁ ଆଣିଲେ।

ଙ)ପ୍ରଥମେ ଆଶ୍ରିତ ଜନଙ୍କୁ ମୁକ୍ତ କରିବା ପାଇଁ କପୋତ ରାଜା ତାଙ୍କ ବନ୍ଧୁ ହିରଣ୍ୟକଙ୍କୁ ଅନୁରୋଧ କଲେ।

ଚ)ହିରଣ୍ୟକ ସର୍ବ ପ୍ରଥମେ ତାଙ୍କ ବନ୍ଧୁ କପୋତ ରାଜାଙ୍କୁ ମୁକ୍ତ କରିବାକୁ ଇଛା କଲେ।

ଛ)ଆଶ୍ରିତ ମାନଙ୍କ ପାଇଁ କପୋତ ରାଜା ଦଳପତି ସାଜିଛି ତେଣୁ ସେମାନଙ୍କୁ ରକ୍ଷା କରିବା ତାର ପ୍ରଥମ କର୍ତ୍ତବ୍ୟ ସେଥି ପାଇଁ କପୋତ ରାଜା ପ୍ରଥମେ ବନ୍ଧନରୁ ମୁକ୍ତ ହେବାକୁ ଚାହିଁଲେ ନାହିଁ।

ଜ)କପୋତ ତାର ଆଶ୍ରିତ ଜନଙ୍କ ସୁଖ ସୁବିଧା ପାଇଁ ଦଳପତି ହୋଇଛି ସେଥିପାଇଁ ତାର ଜୀବନ ଗଲେ ମଧ୍ୟ ସେମାନଙ୍କୁ ସେ ରକ୍ଷା କରିବ ବୋଲି ପ୍ରତିଶ୍ରୁତି ଦେଇଛି।

ଝ)ଆମେ କପୋତ ରାଜାଙ୍କ ସ୍ଥାନରେ ଥିଲେ, କପୋତ ରାଜା କରିଥିବା କର୍ତ୍ତବ୍ୟ କୁ ପାଳିଥାନ୍ତୁ।

ଞ)ଏହି କବିତାରୁ ଆମେ ଶିଖିଲୁ ନିଜର ସ୍ୱାର୍ଥ ଚେଷ୍ଟା ନ କରି ଅନ୍ୟର ଉପକାରରେ ଲାଗିବା ଉଚିତ।

୨)ଗଦ୍ୟରୂପ:- ପ୍ରାଣ, ମୁକ୍ତି, ଭକ୍ତି, ଆଦର୍ଶ, ପ୍ରଜା, ଅଙ୍ଗ, ସର୍ବେ, ବର୍ଷା, ଶକ୍ତି, ମୁକ୍ତି

୫)ସମାନ ଅର୍ଥ:-

ସଖା,ମିତ୍ର

ମାର୍ଗ,ସଡକ

ଶରୀର,ତନୁ

ପ୍ରକାଶିତ,ଶୋଭିତ

ଆର୍ଶ୍ଚର୍ଯ୍ୟ,ଚକିତ

ରାଜା,ନୃପତି

ମୃତ୍ୟୁ,ମୃତ

ମେଘ,ଜଳଦ

ନର,ମାନବ

ପାରା ପକ୍ଷୀ,କାପ୍ତା

୬)ଶବ୍ଦ ର ଅର୍ଥ:- ଦୟା, ଗଣ୍ଠି ବା ଜାଲ, କଥା, ପିଲାଦିନ, ଆଶ୍ଚର୍ଯ୍ୟ, ମିତ୍ର, ଦୂର୍ବଳ, ଅବସ୍ଥା, ପ୍ରାଣ, ଜଙ୍ଗଲ

ବାକ୍ୟ ଗଠନ:-

ଈଶ୍ୱରଙ୍କ କରୁଣା ରୁ ଆମେ ଆଜି ରକ୍ଷା କରିଛନ୍ତି।

ବାଣୁଆର ଫାଶ ରେ ଚଢେଇମାନେ ପଡି ଗଲେ।

ସବୁବେଳେ ମଧୁର ବଚନ ରେ କଥା ହବା ଭଲ।

ରାମୁ ମୋର ବାଲ୍ୟ ସଖା ଅଟେ।

ହଠାତ୍ ଗୁରୁଙ୍କୁ ଆମ ଘରେ ଦେଖି କାବା ହୋଇଗଲି।

ମୁଁ ମୋ ମିତ୍ର ସଙ୍ଗେ ବୁଲିବାକୁ ଗଲି।

ପିଲାଟି କ୍ଷୀଣ ସ୍ୱରରେ ତା ମାକୁ ଡାକିଲା।

ହଇଜା ଯୋଗୁ ଲୋକମାନଙ୍କର ଦଶା ବହୁତ ଖରାପ।

ଜୀବନ ରେ ଭଲ ମଣିଷ ହେବା ପାଇଁ ମୁଁ ଚେଷ୍ଟା କରିବି।

ବାଟୋଇଟି ବନ ପଥ ଦେଇ ଯିବାକୁ ଭୟ କରୁଛି।

୯)ଦଳର ପତି- ଦଳପତି

ଗଜର ପତି- ଗଜପତି

ଗୃହର ପତି- ଗୃହପତି

ବିଶ୍ୱର ପତି- ବିଶ୍ୱପତି

୧୦)ଅର୍ଥ ଗତ:- ଭାରୀ-ଶିକ୍ଷକ, ପୋଖରୀରେ ମାଡିଥିବା ସବୁଜପତ୍ର-ଗୋଷ୍ଠି, ଶ୍ରେଷ୍ଠ-ଏକ ବୃକ୍ଷ, ଫୁଲରୁ ଫଳ-ପରୀକ୍ଷା ଫଳ, ରାତି-ମାଦକତା

୧୧)ବନାନ ଠିକ:- ମୂଷିକ, ହିରଣ୍ୟକ, ଆଶ୍ରିତ, କ୍ଷୀଣ